ରେଳ ମନ୍ତ୍ରଣାଳୟ ପକ୍ଷରୁ **ମେଳା ସରଚାର୍ଜ** ହଟାଇବା ପ୍ରସଙ୍ଗରେ

# ରେଳମନ୍ତ୍ରୀ ଶ୍ରୀ ପିୟୁଷ ଗୋଏଲଙ୍କୁ ଧନ୍ୟବାଦ ଦେଲା ରାଜ୍ୟ ବିଜେପି

**ଭୁବନେଶ୍ୱର,ତା୧୯/୧୨ :** ପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡିଶାର ପରିଚୟ । ପୁରୀ ସହର ହଜାର ହଜାର ବର୍ଷ ଧରି ଭକ୍ତମାନଙ୍କୁ ଆତିଥ୍ୟ ପ୍ରଦାନ କରି ଆସିଛି । ପୁରୀର ବିକାଶ ପାଇଁ ବିଜେପି ସରକାର ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି । ସେହି ପ୍ରସଙ୍ଗରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମେଳା ସରଚାର୍ଜ ହଟାଇବା ପଦକ୍ଷେପକୁ ରାଜ୍ୟ ବିଜେପି ସ୍ୱାଗତ କରିବା ସହ ରେଳମନ୍ତ୍ରୀ ଶ୍ରୀ ପିୟୁଷ ଗୋଏଲଙ୍କୁ ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କେ.ଭି ସିଂହଦେଓ ଧନ୍ୟବାଦ ଜଣାଇଛନ୍ତି ।

ପୂର୍ବରୁ ରଥଯାତ୍ରା ସମୟରେ ପୁରୀ ସହରକୁ ଆସୁଥିବା ଯାତ୍ରୀମାନଙ୍କଠାରୁ ମେଳା ସରଚାର୍ଜ ଆଦାୟ କରାଯାଉଥିଲା । ଏହାକୁ ରେଳ ବିଭାଗ ପକ୍ଷରୁ ବନ୍ଦ କରାଯାଇଛି । ସେହିପରି ଆଗାମୀ ରଥଯାତ୍ରାରେ ଯାତ୍ରୀମାନଙ୍କଠାରୁ କୌଣସି ସରଚାର୍ଜ ନିଆଯିବନି ବୋଲି ରେଳ ବିଭାଗ ନିଷ୍ପତି ନେଇଛି । ଆସନ୍ତା ରଥଯାତ୍ରା ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହା ଏକ ଭଲ ପଦକ୍ଷେପ ବୋଲି ଶ୍ରୀ ପଣ୍ଡା ଓ ଶ୍ରୀ ସିଂହଦେଓ କହିଛନ୍ତି । ଅନ୍ୟପଟେ ରାଜ୍ୟସରକାର ପୁରୀ ଅଠରନଳାଠାରେ ତୀର୍ଥଯାତ୍ରୀଙ୍କଠାରୁ ଆଦାୟ କରୁଥିବା ଶୁଳ୍କ କେବ ଛାଡ କରିବେ ବୋଲି ଶ୍ରୀ ପଣ୍ଡା ଓ ଶ୍ରୀ ସିଂହଦେଓ ପ୍ରଶ୍ନ କରିଛନ୍ତି ।

**(ବିଜେପି ମିଡିଆ ସେଲ୍)**